ସମ୍ବାଦ

# ସାଲେପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପାଠଚକ୍ର



ସାଲେପୁର, ୧୦।୩ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରଯୋଜିତ ପାଠଚକ୍ର ମଧୁସୂଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ବିଶିଷ୍ଟ ସମାଲୋଚକ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ବିଷୟ ବିଶାରଦ ଭାବରେ ଯୋଗଦେଇ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା: ପଠନ, ଲିଖନ ଓ ସମୀକ୍ଷାୟନ' ଶୀର୍ଷକ ବିଷୟ ଆଲୋଚନା କରିଥିଲେ। ଡକ୍ଟର ସୁଷମାରାଣୀ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ବୈଜୟନ୍ତୀ ନାୟକ ସଭାର ଅଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଭାଗ ନେଇ ବହୁ ପ୍ରଶ୍ନ ପଚାରି ବୁଝିଥିଲେ। ଡକ୍ଟର ବିନୟ କୁମାର ବେହେରା ସଭା ସଂଚାଳନ କରିଥିବା ବେଳେ ଡକ୍ଟର ସାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା କସ୍ତୁରୀ ମଲ୍ଲିକ ଓ ସୁପ୍ରଭା ସେଠୀ ସଭା ପରିଚାଳନାରେ ସହାୟତା କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଏହି ପାଠଚକ୍ରରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଡକ୍ଟର ବୈଜୟନ୍ତୀ ନାୟକଙ୍କ ପୁସ୍ତକ 'ଓଡ଼ିଆ କବିତାରେ ଉତ୍ତର ଆଧୁନିକତା'କୁ ଉନ୍ମୋଚନ କରାଯାଇଥିଲା।

RGG
RADHA GOBINDO ROY
GRANDSON JEWELLERS
22 CT GOLD (10 gm)
₹50,450.00
* Conditions Apply
Infront of Juma Masjid, Nimchouri,
Cuttack - 2, Phone : 2368004 / 2368446

